# କୃଷି ସୂଚନା ସେବା (ଧାନ)
# ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

## ୨୦୧୭ ମସିହା ଜାନୁୟାରୀ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ଖରାଦିନିଆ ଧାନ ଚାଷ ପାଇଁ ରୁଆ କାମ ଜାନୁୟାରୀ ମାସ ଶେଷ ସୁଦ୍ଧା ସରିବା ଆବଶ୍ୟକ ।

- ବର୍ଷାଦିନ ଧାନ କଟା ପରେ ଖରାଦିନିଆ ଛଟାବୁଣା ଧାନ କିମ୍ବା ରୁଆ ଧାନ ପାଇଁ ଜମିରେ ପାଣି ମଡାଇ ଚାଷ କରି ହାଲୁକା କାଦୁଅ କରିବା ଉଚିତ୍ । ୭ ରୁ ୧୦ ଦିନ ପରେ ଦ୍ୱିତୀୟ କାଦୁଅ ଭଲଭାବରେ କରି ଜମିକୁ ସମତୁଲ କରିଦିଅନ୍ତୁ । ଏହା ଫଳରେ ସମାନ ଭାବରେ ଗଛ ରୁଆଯାଇପାରିବ କିମ୍ବା ଗଜା ବୁଣା କରାଯାଇପାରିବ ।

- ପ୍ରତି ଏକର ପିଛା ୪୦:୨୦:୨୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସଫରସ୍ ଏବଂ ପଟାସ୍ ସାର ବ୍ୟବହାର କରନ୍ତୁ । ଏକଚତୁର୍ଥାଂଶ ଭାଗ ଯବକ୍ଷାରଜାନ, ସମସ୍ତ ଫସଫରସ୍ ଏବଂ ଦୁଇ ତୃତୟାଂଶ ପଟାସ୍ ମୂଳସାର ଭାବେ ବ୍ୟବହାର କରିବା ଉଚିତ୍ । ଶଙ୍କର କିସମ ଧାନରେ ଏକର ପିଛା ୪୮:୨୪:୨୪ କି.ଗ୍ରା. ଯବକ୍ଷାରଜାନ, ଫସଫରସ୍ ଏବଂ ପଟାସ୍ ବ୍ୟବହାର କରନ୍ତୁ । ସେହି ସାରର ଏକ ଚତୁର୍ଥାଂଶ ଯବକ୍ଷାରଜାନ, ସମସ୍ତ ଫସଫରସ୍ ଏବଂ ତିନି ଚତୁର୍ଥାଂଶ ପଟାସ୍ ମୂଳସାର ଭାବେ ବ୍ୟବହାର କରିବା ଉଚିତ୍ କିମ୍ବା ପତ୍ରରଙ୍ଗ ସାରଣୀ(Customized Leaf Colour Chart) ବ୍ୟବହାର କରି ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

- ଧାଡି ରୁଆ ଧାନରେ ୨୫ ରୁ ୩୦ ଦିନିଆ ତଳିକୁ ବୁଦା ପ୍ରତି ୨ ରୁ ୩ ଟି ହିସାବରେ ୧୫ X ୧୫ ସେ.ମି. ବ୍ୟବଧାନରେ ରୋଇବା ଉଚିତ୍ ଏବଂ ଶଙ୍କର କିସମ ଧାନରେ ସମାନ ବ୍ୟବଧାନ ରଖି ବୁଦାପ୍ରତି ୧ ରୁ ୨ ଟି ତଳି ରୋଇବା ଉଚିତ୍ ।

- କାଦୁଆ ଛଟା ବୁଣା ଧାନରେ ମିଶ୍ରିତ ବାଲୁଙ୍ଗା ଥିଲେ ଦମନ ପାଇଁ ବେନ୍‌ସଲଫ୍ୟୁରାନ୍ ମିଥାଇଲ୍ ୦.୬% ସହିତ ପ୍ରେଟିଲାକ୍ଲୋର (Londax Power ଗୁଣ୍ଡ) ୬% ପ୍ରତି ଏକର ପିଛା ୪ କି.ଗ୍ରା. ହିସାବରେ ରୋଇବାର ୫-୮ ଦିନ ପରେ ପ୍ରୟୋଗ କରନ୍ତୁ । ଏହା ଦାନାଦାର ହୋଇଥିବାରୁ ପ୍ରତି ଏକର ପିଛା ୧୨ କି.ଗ୍ରା. ବାଲି ଏହା ସହିତ ମିଶାଇ ବିଲରେ ସମାନ କରି ପ୍ରୟୋଗ କରନ୍ତୁ ।

- କାଦୁଅ ବିଲ ଯେଉଁଠାରେ ଧାନ ଛଟା ବୁଣା ହୋଇଥାଏ ସେଠାରେ ମିଶ୍ରିତ ବାଲୁଙ୍ଗା ଥିଲେ ପ୍ରତି ଏକର ପିଛା ଏକ ପୂର୍ଣ୍ଣ ସ୍ପ୍ରେ ଟ୍ୟାଙ୍କ୍‌ରେ ଫେନୋକ୍ସାପ୍ରୋ-ପି-ଇଥାଇଲ୍ ୯ EC କୁ +ଇଥୋକ୍ସିସଲଫୁରାନ୍ ୧୫ WDG (Whip Super + Sunrice) ଏକର ପିଛା ୨୫୦ ମି.ଲି.+୪୦ ଗ୍ରାମ୍ କୁ ୧୪୦ ଲିଟର ପାଣିରେ ମିଶାଇ ଧାନ ବୁଣିବାର ୧୫ ଦିନ ପରେ ଅଥବା ବାଲୁଙ୍ଗା ଗଛରେ ୩-୪ ପତ୍ର ହୋଇଥିବା ସମୟରେ ସ୍ପ୍ରେୟର ସାହାଯ୍ୟରେ ସିଞ୍ଚନ କରନ୍ତୁ ।

******